# ପ୍ରଧାନ ମନ୍ତ୍ରୀ  କୃଷି ସିଞ୍ଚାଇ ଯୋଜନା
# Pradhan Mantri Krishi Sinchayee Yojana (PMKSY)

ଜଳସେଚନ କ୍ଷେତ୍ରକୁ ଅଧିକ ବ୍ୟାପକ ତଥା ପ୍ରତ୍ୟେକ ଚାଷଜମିକୁ ଚାଷ ପାଇଁ ଜଳ ଯୋଗାଇଦେବା ସହ ଜଳର ବ୍ୟବହାରିକ ଦକ୍ଷତାକୁ ବୃଦ୍ଧି କରି ଅଧିକ ଫସଲ ଉତ୍ପାଦନ ନିମନ୍ତେ **"ପ୍ରଧାନମନ୍ତ୍ରୀ  କୃଷି ସିଞ୍ଚାଇ ଯୋଜନା (PMKSY)"** ପରିକଳ୍ପନାକୁ ଚଳିତ ଆର୍ଥୀକ ବର୍ଷ (୨୦୧୫-୧୬) ଠାରୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଅଛି । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓ ଜଳସମ୍ପଦମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ଯୋଜନା ଓଡିଶାରେ କାର୍ଯ୍ୟକାରୀ ହେଉଅଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଥିବା ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ (IWMP) ଅନ୍ତର୍ଗତ ଜଳବିଭାଜିକା ପ୍ରକଳ୍ପ ଗୁଡିକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇଅଛି । ଏଥିପାଇଁ କେନ୍ଦ୍ର ସରକାର ୬୦ ଶତାଂଶ ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ୪୦ ଶତାଂଶ ଅର୍ଥ ବହନ କରୁଛନ୍ତି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

କ. ସଂରକ୍ଷିତ ସମସ୍ତ ଜଳକୁ ଚାଷ କ୍ଷେତ୍ରରେ ଜଳସେଚନ ନିମନ୍ତେ ଉପଯୁକ୍ତ ଭାବେ ବିନିଯୋଗ କରିବା ।

ଖ. କୃଷି କ୍ଷେତ୍ରରେ ଜଳର ବାସ୍ତବ ଉପଲବ୍ଧତାକୁ ବୃଦ୍ଧି କରି ଅଧିକ ଚାଷ ଜମିକୁ ଜଳସେଚନ ସୁନିଶ୍ଚିତ କରାଇବା ।

ଗ. ସମୁଚିତ ବୈଷୟିକ ଜ୍ଞାନ କୌଶଳ ଓ କାର୍ଯ୍ୟ ପଦ୍ଧତି ଅବଲମ୍ବନ କରି ଜଳର ସର୍ବୋତ୍ତମ ବ୍ୟବହାର ପାଇଁ  ଜଳ ଉତ୍ସ,, ଏହାର ବିତରଣ ତଥା ଏହାର ବ୍ୟବହାରକୁ ପୂର୍ଣ୍ଣାଙ୍ଗ କରାଇବା ।

ଘ. ଜଳର ଅପଚୟକୁ ହ୍ରାସ କରି ଏହାର ଉପଲବ୍ଧତା ବଢାଇବା ସହିତ ବ୍ୟବହାରିକ ଦକ୍ଷତାକୁ ବୃଦ୍ଧି କରିବା ।

ଙ. ଉପଯୁକ୍ତ ଜଳସେଚନ ତଥା ଅନ୍ୟାନ୍ୟ ଜଳ ସଂରକ୍ଷଣ କୌଶଳକୁ ଅଧିକ ମାତ୍ରାରେ ଅନୁସରଣ କରିବା ।

ଚ. ସ୍ଥାୟୀ ଜଳ ସଂରକ୍ଷଣ ପ୍ରକ୍ରିୟା ମାନ ପ୍ରବର୍ତ୍ତନ କରି ଜଳାଶୟ ଗୁଡିକର ଜଳସ୍ତରରେ ବୃଦ୍ଧି ଘଟାଇବା ।

ଛ. ଜଳବିଭାଜିକା  ଉନ୍ନୟନ ମାଧ୍ୟମରେ ମୃତ୍ତିକା ଓ ଜଳ ସଂରକ୍ଷଣ, ଭୂତଳ ଜଳ ସ୍ତରର ବୃଦ୍ଧି, ବର୍ଷା ଜଳ ସଂରକ୍ଷଣ, ସଂପୃକ୍ତ ଅଞ୍ଚଳର ଅଧିବାସୀ ମାନଙ୍କୁ ଜିବୀକା ନିର୍ବାହ ପନ୍ଥା ଯୋଗାଇବା ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁପରିଚାଳନା କରି ବୃଷ୍ଟିପୁଷ୍ଟ ଅଞ୍ଚଳରେ ସମନ୍ୱିତ ବିକାଶକୁ ସୁନିଶ୍ଚିତ କରିବା ।

ଜ. ତୃଣମୂଳ ସ୍ତରରେ କୃଷକ ମାନଙ୍କ ପାଇଁ ଜଳ ଅମଳ ପ୍ରକଳ୍ପ, ଜଳର ସୁପରିଚାଳନା ଓ ଫସଲ ଉତ୍ପାଦନରେ ଭାରସାମ୍ୟତା ରକ୍ଷା କରିବା ଇତ୍ୟାଦି ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା ।

ଝ. ପୌରାଞ୍ଚଳରେ ଉଦ୍‌ବୃତ୍ତ ଜଳକୁ ଉପଚାର କରାଯାଇ ସହରତଳି ଅଞ୍ଚଳରେ କୃଷି ପାଇଁ ପୁନଃ ବ୍ୟବହାର ଯୋଗ୍ୟ କରିବା ।


## ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ

ଶିରିପୁର, ଭୁବନେଶ୍ୱର-୭୫୧୦୦୩, ଓଡିଶା (ଭାରତ)

ଦୂରଭାଷ- ୯୧+୬୭୪-୨୩୯୭୩୦୮/୨୩୯୭୩୦୯

ଫ୍ୟାକ୍ସ: ୯୧+୬୭୪-୨୩୯୭୯୮୮

E-Mail: iwmporissa@gmail.com

Website: www.orissawatershed.org